# ଉପାସନା ରୀତି

# ସୁସ୍ଥକାରୀ ସେବା ରବିବାର

## ୧୨ ଫେବୃଆରୀ ୨୦୧୨



**ଦୟାକରି ଯୋଗାଯୋଗ କରନ୍ତୁ :**

ଖ୍ରୀଷ୍ଟିୟାନ ମେଡିକାଲ୍ ଏସୋସିଏସନ୍ ଅଫ୍ ଇଣ୍ଡିଆ
ପ୍ଲଟ୍ ନଂ- ୨, ଜନକ୍‌ପୁରୀ, ନିଉ ଦିଲ୍ଲି - ୧୧୦୦୫୮
Email: cmai@cmai.org



## ଉପସ୍ଥାପନା

ଖ୍ରୀଷ୍ଟରେ ପ୍ରିୟ ଭାଇ-ଭଉଣୀ,

ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହ ସି.ଏମ୍.ଏ.ଆଇ.ର ସୁସ୍ଥକାରୀ ସେବା ସପ୍ତାହ ଅଟେ, ଯେତେବେଳେ କି ଆମ୍ଭେମାନେ କ୍ୟାଥ୍‌ଲିକ୍ ହେଲ୍‌ଥ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଭାରତର କ୍ୟାଥ୍‌ଲିକ୍ ସ୍ୱାସ୍ଥ୍ୟ ପରିଷଦ), କ୍ୟାଥ୍‌ଲିକ୍ ବିଷପସ୍ କନ୍‌ଫେରେନ୍‌ସ ଅଫ୍ ଇଣ୍ଡିଆ (ଭାରତର କ୍ୟାଥ୍‌ଲିକ୍ ବିଷପଙ୍କ ସମ୍ମିଳନୀ) ଏବଂ ନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆ (ଭାରତୀୟ ମଣ୍ଡଳୀ ସମୂହର ଜାତୀୟ ପରିଷଦ) ମିଳିତ ଭାବରେ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ ପରିପୂର୍ଣ୍ଣତା ନିମନ୍ତେ ଆମ୍ଭମାନଙ୍କର ଉତ୍ସର୍ଗୀକରଣକୁ ନବୀକରଣ କରି ଥାଉ। ଏହା ୬ ରୁ ୧୨ ଫେବୃଆରୀ ୨୦୧୨ ଅଟେ ଏବଂ ତହିଁ ମଧ୍ୟରେ ସି.ଏମ୍.ଏ.ଆଇ.ର ପ୍ରାର୍ଥନା ଦିବସ (୮ ଫେବୃଆରୀ) ଓ ସୁସ୍ଥକାରୀ ସେବା ରବିବାର (୧୨ ଫେବୃଆରୀ) ଅନ୍ତର୍ଭୁକ୍ତ ଅଟେ।

ସୁସ୍ଥତା ମଧ୍ୟରେ, ଈଶ୍ୱରଙ୍କ ସହିତ ଏବଂ ଅନ୍ୟମାନଙ୍କ ସହିତ ଆମ୍ଭମାନଙ୍କ ସମ୍ପର୍କର ପରିବର୍ତ୍ତନ ତଥା ପୁନଃସ୍ଥାପନ ଅନ୍ତର୍ଭୁକ୍ତ ଅଟେ। ଆମ୍ଭମାନଙ୍କର ସେବା ମାଧ୍ୟମରେ ଲୋକଙ୍କ ସ୍ୱାସ୍ଥ୍ୟର, ସେମାନଙ୍କ ଜୀବନର ଏବଂ ସେମାନେ ସମ୍ମୁଖୀନ ହେଉଥିବା ବାସ୍ତବତାର ସୁଦୂର ପ୍ରଭାବି ପରିବର୍ତ୍ତନ ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଆମ୍ଭେମାନେ କାମନା କରିଥାଉ।

୨୦୧୨ ମସିହା ପାଇଁ ସି.ଏମ୍.ଏ.ଆଇ.ର ପ୍ରସଙ୍ଗ - ଜୀବନରେ ପରିବର୍ତ୍ତନ, ଆମ୍ଭମାନଙ୍କ କାର୍ଯ୍ୟକୁ ସଠିକ ସ୍ଥାନରେ ରଖିବା ନିମନ୍ତେ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆମ୍ଭମାନଙ୍କ ମନଯୋଗୀତା ଉପରେ ଆଲୋକପାତ କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରିବ। ପରିବର୍ତ୍ତନ କ'ଣ, ଏବଂ ଆମ୍ଭେମାନେ କିପରି ପରିବର୍ତ୍ତନର ଉପକରଣ ହୋଇ ପାରିବା, ବାଇବଲ ଅଧ୍ୟୟନ ଆମ୍ଭମାନଙ୍କର ଧାରଣାକୁ ବର୍ଦ୍ଧିତ କରିବ। ବାଇବଲ ଅଧ୍ୟୟନ ସହିତ ପ୍ରତୀକ ରୁପେ କାଗଜ ଭାଙ୍ଗି, ବିଭିନ୍ନ ଆକୃତି ଦେଇ, ପରିବର୍ତ୍ତନ କିପରି ସରଳ ଅଥଚ ମର୍ମସ୍ପର୍ଶୀ ତାହା ପ୍ରଦର୍ଶନ କରାଯାଇ ପାରିବ। ରବିବାର ଉପାସନାରେ ଏହି ଚିନ୍ତାଧାରାକୁ ପ୍ରତିଫଳିତ କରିବା ନିମନ୍ତେ ଉପାସନା ରୀତି ସାହାଯ୍ୟ କରିବ।

ଯେବେ ଆମ୍ଭେମାନେ ଏହି ସପ୍ତାହ ଏବଂ ରବିବାରକୁ ପାଳନ କରୁଛୁ, ଆମ୍ଭେମାନେ କିଛି ବିଷୟ କରିପାରିବା -

: ମିଶନ୍ ହସ୍ପିଟାଲରେ - ପ୍ରତ୍ୟେକ ବିଭାଗ ଓ ୱାର୍ଡରେ ସମ୍ମିଳିତ ଉପାସନାରେ ସପ୍ତାହକୁ ପାଳନ କରି ପାରିବେ।

: ଅନ୍ୟ ହସ୍ପିଟାଲ, ନର୍ସିଂ ହୋମ୍/ କ୍ଲିନିକରେ - ଏହି ସମୟରେ ସହଭାଗୀତା ଓ ପ୍ରତିଫଳନ ନିମନ୍ତେ ବନ୍ଧୁମେଳରେ ଖ୍ରୀଷ୍ଟିୟାନ ଏବଂ ଅନ୍ୟମାନେ ଏକତ୍ରୀତ ହୋଇ ପାରିବେ।

: ଖ୍ରୀଷ୍ଟିୟାନ ମଣ୍ଡଳୀରେ - ସୁସ୍ଥକାରୀ ସେବା ରବିବାର ପାଳନ କରନ୍ତୁ, ପ୍ରସଙ୍ଗକୁ ଅନୁସରଣ କରନ୍ତୁ, ଏହା ସମସ୍ତ ଖ୍ରୀଷ୍ଟିୟାନ ନିମନ୍ତେ ପ୍ରଯୁଜ୍ୟ ଅଟେ। ବିଶେଷ ପ୍ରାର୍ଥନା ସହିତ ବୃତ୍ତିଗତ ରୁପେ ସ୍ୱାସ୍ଥ୍ୟକ୍ଷେତ୍ରରେ ଥିବା ଲୋକଙ୍କୁ ସ୍ମରଣ କରନ୍ତୁ। ଅସୁସ୍ଥ ଓ ପୀଡ଼ିତ ଙ୍କୁ ଦେଖିବାକୁ ଯାଆନ୍ତୁ।
: ନିଜର ନୀରବତାର ସମୟରେ - ଦିନ ନିମନ୍ତେ ଉଦ୍ଦିଷ୍ଟ ବାଇବଲ ଅଧ୍ୟୟନ ଉପରେ ଚିନ୍ତା କରନ୍ତୁ। ଆପଣଙ୍କ ଚିନ୍ତାଧାରା ଟିପି ରଖନ୍ତୁ।

ଆପଣଙ୍କ ପ୍ରାର୍ଥନା ଏବଂ ମାଣ୍ଡଳୀକ ଭାବରେ ଏହି ସପ୍ତାହକୁ ସୁସ୍ଥକାରୀ ସେବା ସପ୍ତାହ ଓ ସୁସ୍ଥକାରୀ ସେବା ରବିବାର ପ୍ରତିପାଳନ କରିବା ଦ୍ୱାରା ସି.ଏମ୍.ଏ.ଆଇ. ଏହାର ସେବା କାର୍ଯ୍ୟ ଶକ୍ତିଯୁକ୍ତ କରିବା ନିମନ୍ତେ ଆପଣଙ୍କ ଉପରେ ନିର୍ଭର କରେ। ଆମ୍ଭେମାନେ କୃତଜ୍ଞତାର ସହିତ ବିଶପ୍ କେ ଜି ଡାନିଏଲ୍, ଡା. ଜର୍ଜ ଚାଣ୍ଡି, ଡା. ଜନ୍ ସି ଉମେନ୍, ଶ୍ରୀଯୁକ୍ତ ରାଜ୍ ମଣ୍ଡଳ, ଡା. ଶାନ୍ତନୁ ଦତ୍ତା, ଡା. ବିଜୟ୍ ଆରୁଲ୍‌ଦାସ୍ ଏବଂ ଏହାକୁ ୧୩ ଗୋଟି ବିଭିନ୍ନ ଆଞ୍ଚଳିକ ଭାଷାରେ ପ୍ରସ୍ତୁତି ଓ ଅନୁବାଦ କରିଥିବା ଅନ୍ୟମାନଙ୍କ ଅବଦାନକୁ ସ୍ୱୀକାର କରୁଅଛୁ।

ସି.ଏମ୍.ଏ.ଆଇ. ଭାରତବର୍ଷରେ ଖ୍ରୀଷ୍ଟିୟ ସେବା କାର୍ଯ୍ୟର ସ୍ୱର ଅଟେ। ଏହା ୩୩୦ ମିଶନ୍ ହସପିଟାଲ୍ ଏବଂ ବୃତ୍ତିଗତ ରୂପେ ସ୍ୱାସ୍ଥ୍ୟ ସେବାରେ ସଂପୃକ୍ତ ପ୍ରାୟ ୧୦,୦୦୦ ବ୍ୟକ୍ତି ବିଶେଷ ଏବଂ ନେସ୍‌ନାଲ୍ କାଉନ୍‌ସିଲ୍ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆର ବିଭିନ୍ନ ସ୍ୱାସ୍ଥ୍ୟାନୁଷ୍ଠାନର ଏକ ଜାତୀୟ ସ୍ତରୀୟ ଖ୍ରୀଷ୍ଟିୟ ସହଭାଗୀତା ଅଟେ। ଆମ୍ଭେମାନେ ଖ୍ରୀଷ୍ଟିୟ ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେ ସମ୍ପୃକ୍ତ - ଡାକ୍ତର, ନର୍ସ, ସହାୟକ ସ୍ୱାସ୍ଥ୍ୟ କର୍ମଚାରୀ, ପ୍ରଶାସକ ଏବଂ ପାଳକ ମାନଙ୍କୁ ନିମନ୍ତ୍ରଣ ଜଣାଉ।

ସି.ଏମ୍.ଏ.ଆଇ.ର ସେବା କାର୍ଯ୍ୟ ନିମନ୍ତେ ବ୍ୟକ୍ତିଗତ ଏବଂ ମାଣ୍ଡଳୀକ ଦାନ ଆମ୍ଭେମାନେ କୃତଜ୍ଞତାର ସହିତ ଗ୍ରହଣ କରିବୁ। ଦାନ ରାଶି ବିଶେଷତଃ ରିଟ୍ରିଟ ଆୟୋଜନ ଓ ଭାରତ ବର୍ଷର ମିଶନ୍ ହସପିଟାଲ ସମୂହର କାର୍ଯ୍ୟକଳାପକୁ ଶକ୍ତିଯୁକ୍ତ କରିବା ନିମନ୍ତେ ବ୍ୟବହୃତ ହେବ। ଦୟାକରି ଦାନ ଲଫାପା ବ୍ୟବହାର କରନ୍ତୁ କିମ୍ବା website: www.cmai.org ରେ ଦାନ ପଠାନ୍ତୁ।

ଆନ୍ତରିକ ନମସ୍କାର ସହିତ,
ଖ୍ରୀଷ୍ଟରେ

ଡା ବିଜୟ୍ ଆରୁଲ୍‌ଦାସ୍
ଜେନେରାଲ୍ ସେକ୍ରେଟାରୀ

ରେଭ୍ ଜବ୍ ଜୟରାଜ୍
ସେକ୍ରେଟାରୀ, ଚାପ୍ଲିନ୍‌ସ୍ ସେକ୍‌ସନ୍



## ସୁସ୍ଥକାରୀ ସେବା ରବିବାର - ୧୨ ଫେବୃଆରୀ ୨୦୧୨ ନିମନ୍ତେ
## ଉପାସନା ରୀତି

### ପ୍ରସଙ୍ଗ - ଜୀବନରେ ପରିବର୍ତ୍ତନ

**ପ୍ରାରମ୍ଭିକ ପ୍ରାର୍ଥନା**

**ପ୍ରାରମ୍ଭିକ ଗୀତ**

**ସ୍ୱାଗତ**

**ସୁସ୍ଥକାରୀ ସେବାର ପ୍ରସଙ୍ଗ ପରିଚୟ**

ମନୁଷ୍ୟ ଭାବରେ ଆମ୍ଭେମାନେ ଆମର ବାହ୍ୟରୁପ, ପ୍ରବୃତ୍ତି, ଜୀବନ ଶୈଳୀ, ଆଚରଣ ଇତ୍ୟାଦିକୁ ବିଭିନ୍ନ ପରିସ୍ଥିତି ଓ ବ୍ୟକ୍ତି ବିଶେଷଙ୍କ ସହିତ ବ୍ୟବସ୍ଥିତ କରିବାରେ ସକ୍ଷମ ଅଟୁ, ଏବଂ ନିଃସନ୍ଦେହ ଏହା ଆନନ୍ଦଦାୟକ ଅଟେ।
ଈଶ୍ୱରଙ୍କ ସନ୍ତାନ-ସନ୍ତତି ଭାବରେ ଆମର ଏହି ସବୁ ଶୈଳୀର ପରିବର୍ତ୍ତନକୁ କେବଳ ଆଶା କରାଯାଏ ନାହିଁ କିନ୍ତୁ ମାନବୀୟ ପ୍ରକୃତି ରୁ ଐଶ୍ୱରୀୟ ପ୍ରକୃତିକୁ ସୁଦୂର ପ୍ରଭାବୀ ରୁପେ ଗଢି ତୋଳିବା, ପ୍ରକୃତି ସହିତ ଜଡ଼ିତ ରହି ସୃଷ୍ଟିକର୍ତ୍ତାଙ୍କ ଉତ୍ତରାଧିକାରୀ ସ୍ୱରୁପ ହେବା ଆଶା କରାଯାଏ। ବିଭିନ୍ନ ପ୍ରକାରେ ଧର୍ମଶାସ୍ତ୍ରୀୟ ସମ୍ବନ୍ଧ ଆଲୋକପାତ ଦ୍ୱାରା ଆମ୍ଭେମାନେ ସମସ୍ତେ ଜାଣୁ ଯେ, ଆମ୍ଭେମାନେ କିପରି ଏହି ବାଞ୍ଛିତ ସୁଦୂର ପ୍ରଭାବୀ ପରିବର୍ତ୍ତନ ଆଣିବାରେ ଫଳପ୍ରଦ ହୋଇଅଛୁ। ଯେତେବେଳେ ଆମ୍ଭେମାନେ ପ୍ରତ୍ୟେକ ଜଣ ପରିବର୍ତ୍ତୀତ ହେବା, ଆମ୍ଭେମାନେ କି'ଏ ଥିଲୁ ତାହା ସ୍ମରଣ ନ କରି, କେବଳ ଈଶ୍ୱରଙ୍କ ଉପରେ ଏବଂ ଆମ୍ଭେମାନେ କେଉଁ ଉଦ୍ଦେଶ୍ୟରେ ସୃଷ୍ଟ ତହିଁ ଉପରେ ଆଲୋକପାତ କରିବା। ପୁରାତନ ଚାଲି ଯିବ ଏବଂ ନୂତନ ଚିରକାଳ ରହିଯିବ। ଏହା ହିଁ ପରିବର୍ତ୍ତୀତ ଜୀବନ ଅଟେ ଏବଂ ନିଃସନ୍ଦେହ ଏହା ଆନନ୍ଦଦାୟକ ଅଟେ। ତେଣୁ ଆସୁ, ଆମ୍ଭେମାନେ ଈଶ୍ୱରଙ୍କ ଉପସ୍ଥିତି କାମନା କରୁ, ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ଏହି ସୁଦୂର ପ୍ରଭାବୀ ପରିବର୍ତ୍ତନ ଏବଂ ତାହାଙ୍କର ସାହାଯ୍ୟ ନିମନ୍ତେ ଦୃଢ ନିଶ୍ଚିତ ହେଉ।

**ଉପାସନା ନିମନ୍ତେ ଆହ୍ୱାନ**

ପବିତ୍ର ଈଶ୍ୱର ଆମ୍ଭମାନଙ୍କୁ ବାକ୍ୟରେ ଓ କାର୍ଯ୍ୟରେ ପବିତ୍ର ହୋଇ ତାହାଙ୍କର ଉପାସନା କରିବା ନିମନ୍ତେ ଆହ୍ୱାନ କରନ୍ତି। ଆମ୍ଭମାନଙ୍କ ମଧ୍ୟବର୍ତ୍ତୀ ତାଙ୍କର ଉପସ୍ଥିତିର ଅବଗତି ଆମ ପ୍ରତ୍ୟେକଙ୍କ ପରିବର୍ତ୍ତନରେ  ତାହାଙ୍କ କାର୍ଯ୍ୟକାରୀତାର ଦୃଢ ନିଶ୍ଚିତ କରୁ, ଯାହାକି ତାଙ୍କର ଇଚ୍ଛା ଏବଂ ଅଭିଳାଷ ଅଟେ। ଆମ୍ଭେମାନେ ଯେତେକେ ତାହାଙ୍କର ସ୍ୱର ଶୁଣିବାର ଅଭିଳାଷ ରଖିଅଛୁ, ଆସନ୍ତୁ ସମସ୍ତେ ସ୍ୱତଃ ପ୍ରବୃତ୍ତ ହୋଇ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତାଙ୍କର ଉପାସନା କରୁ।

**ଧନ୍ୟବାଦ ଅର୍ପଣ** (ଏକ ସ୍ୱରରେ)
ସୃଷ୍ଟିକର୍ତ୍ତା ଇଶ୍ୱର, ଯଦ୍ୟପି ଆମ୍ଭେମାନେ ପରିବର୍ତ୍ତନ ହେବାର ଇଚ୍ଛା ନ ରଖି ବଞ୍ଚୁଅଛୁ, ଏହି ସବୁ ଦିନରେ ସୁଦ୍ଧା ତୁମ୍ଭର ପ୍ରେମମୟ ଦୟା ଏବଂ କରୁଣା ନିମନ୍ତେ ତୁମ୍ଭର ଧନ୍ୟବାଦ କରୁଅଛୁ।

ସୃଷ୍ଟିକର୍ତ୍ତା ଇଶ୍ୱର, ଆମ୍ଭେମାନେ ଯଦିଓ ଯଥେଷ୍ଟ ପଢିଛୁ ଓ ଶୁଣିଛୁ, ତଥାପି ତୁମ୍ଭର ଇଚ୍ଛାକୁ ପରିପୂର୍ଣ୍ଣ କରିବା ନିମନ୍ତେ ବଞ୍ଚୁନାହୁଁ। ଏହି ସବୁ ଦିନରେ ତୁମ୍ଭର କ୍ଷମାଶୀଳତା ନିମନ୍ତେ ଆମ୍ଭେମାନେ ତୁମ୍ଭର ଧନ୍ୟବାଦ କରୁଛୁ।

ସୃଷ୍ଟିକର୍ତ୍ତା ଇଶ୍ୱର, ତୁମ୍ଭକୁ ଅନୁସରଣ କରିବାକୁ ଆମ୍ଭମାନଙ୍କର ଅନିଚ୍ଛା ସତ୍ତ୍ୱେ ଏହି ସବୁ ଦିନରେ ତୁମ୍ଭର ଉପସ୍ଥିତି ଦେଇ ଆମ୍ଭମାନଙ୍କର ମାର୍ଗଦର୍ଶନ କରିଅଛ, ତେଣୁ ଆମ୍ଭେମାନେ ତୁମ୍ଭର ଧନ୍ୟବାଦ କରୁଛୁ।

ସୃଷ୍ଟିକର୍ତ୍ତା ଇଶ୍ୱର, ଆଗାମୀ ଦିନରେ ଆମ୍ଭମାନଙ୍କୁ ସାହାଯ୍ୟ କରିବାର ଦୃଢ ପ୍ରତିଶ୍ରୁତି ନିମନ୍ତେ ଆମ୍ଭେମାନେ ତୁମ୍ଭର ଧନ୍ୟବାଦ କରୁଛୁ। ତୁମ୍ଭର ସନ୍ତାନ ସନ୍ତତି ଭାବରେ ସଦାକାଳ ତୁମ୍ଭ ସହିତ ରହିବା ନିମନ୍ତେ ଆମ୍ଭମାନଙ୍କୁ ପରିବର୍ତ୍ତନ କର। ଆମେନ୍।

**ପାପସ୍ୱୀକାର ଓ ପାପକ୍ଷମା ଘୋଷଣା (ଲିଟୁର୍ଜୀ ଅନୁସାରେ)**

**ଆଜିର ସାରାଂଶ**
ସର୍ବଶକ୍ତିମାନ ଇଶ୍ୱର, ଆମ୍ଭ ପ୍ରତ୍ୟେକଙ୍କଠାରେ ତୁମ୍ଭର ଉପସ୍ଥିତି ନିମନ୍ତେ ଆମ୍ଭେମାନେ ତୁମ୍ଭର ଧନ୍ୟବାଦ କରୁଛୁ। ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ତୁମ୍ଭର ଉପସ୍ଥିତି ହୃଦୟଙ୍ଗମ କରି, ପ୍ରକୃତ ଅର୍ଥରେ ପରିବର୍ତ୍ତିତ ହୋଇ, ତୁମ୍ଭ ଦୃଷ୍ଟିରେ ସନ୍ତୋଷଜନକ ଜୀବନ ଅତିବାହିତ କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କର। ଆମ୍ଭମାନଙ୍କୁ ଗ୍ରହଣ କର ଏବଂ ତୁମ୍ଭର ମହିମା ନିମନ୍ତେ ଆମ୍ଭମାନଙ୍କୁ ବ୍ୟବହାର କର। ତୁମ୍ଭ ନାମରେ ଆମ୍ଭେମାନେ ପ୍ରର୍ଥନା କରୁ। ଆମେନ୍।

**ଧର୍ମଶାସ୍ତ୍ରାଂଶ**

| | |
|---|---|
| ପ୍ରଥମ ପାଠ : | ଯାତ୍ରା ୨୦:୧୮-୨୨ |
| | ଗୀତ ସଂହିତା ୯୭ (ଯଦି ଆବଶ୍ୟକ ମନେ କରନ୍ତି) |
| ଦ୍ୱିତୀୟ ପାଠ : | ରୋମୀୟ ୧୨:୧-୩ |
| ତୃତୀୟ ପାଠ : | ମାଥିଉ ୧୭:୧-୭ |

(ନିୟମିତ ବ୍ୟବଧାନରେ ଗୀତ ରଖା ଯାଇ ପାରେ)



**ଉପଦେଶ ବାର୍ତ୍ତା :**

**ଖ୍ରୀଷ୍ଟିୟ ବିଶ୍ୱାସ ସ୍ୱୀକାର (ଲିଟୁର୍ଜୀ ଅନୁସାରେ ଏବଂ ଘୋଷଣା)**

**ଉତ୍ତର-ପ୍ରତ୍ୟୁତ୍ତର ପ୍ରାର୍ଥନା**

ପ୍ରେମମୟ ଇଶ୍ୱର, ତୁମ୍ଭର ଇଚ୍ଛା ଏବଂ ଅଭିଳାଷକୁ ପରିପୂର୍ଣ୍ଣ କରିବାକୁ, ଆପଣା ଆପଣା ଜୀବନକୁ ପରିବର୍ତ୍ତନ କରିବାକୁ ଆମ୍ଭମାନଙ୍କୁ ଶିଖାଅ।
(ନୀରବତା)

ପ୍ରେମମୟ ଇଶ୍ୱର, ଅନ୍ୟମାନଙ୍କ ସହଭାଗୀତାରେ ରହି, ଏକ ପରିବର୍ତ୍ତିତ ଜୀବନ ନେଇ ବଞ୍ଚିବାକୁ ଆମ୍ଭମାନଙ୍କୁ କଢାଇ ନିଅ।
(ନୀରବତା)

ପ୍ରେମମୟ ଇଶ୍ୱର, ପରିବର୍ତ୍ତିତ ଜୀବନକୁ ଉପଭୋଗ କରୁ କରୁ, ତୁମ୍ଭର ନିକଟବର୍ତ୍ତୀ ହୋଇ ରହିବାକୁ ଆମ୍ଭମାନଙ୍କୁ ସାହାଯ୍ୟ କର।
(ନୀରବତା)

ପ୍ରେମମୟ ଇଶ୍ୱର, ସି.ଏମ୍.ଏ.ଆଇ.ର ସମସ୍ତ କାର୍ଯ୍ୟକଳାପ ଓ ନେତୃତ୍ୱ ବହନକାରୀ ସମସ୍ତଙ୍କୁ ଆଶୀର୍ବାଦ କର। ତୁମ୍ଭର ଏବଂ ତୁମ୍ଭର ଲୋକଙ୍କର ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସ୍ୱତଃପ୍ରବୃତ୍ତ କର।
(ନୀରବତା)

ଏକସ୍ୱରରେ: ପ୍ରଭୁ, ତୁମ୍ଭର କରୁଣାରେ ଆମ୍ଭମାନଙ୍କର ପ୍ରାର୍ଥନା ଶୁଣ।

**ନୈବେଦ୍ୟ ଉତ୍ସର୍ଗ ଗୀତ**

**ଶେଷ ପ୍ରାର୍ଥନା, ପ୍ରଭୁଙ୍କ ପ୍ରାର୍ଥନା ଏବଂ ଆଶୀର୍ବାଦ** (ଲିଟୁର୍ଜୀ ଅନୁସାରେ)

(ଯଦି ପ୍ରଭୁଭୋଜ ସେବା ଆୟୋଜିତ ହେବାକୁ ଥାଏ ତେବେ ଉପାସନା ଚାଲୁ ରଖନ୍ତୁ)

**ଆପଣଙ୍କର ଏକ ପରିବର୍ତ୍ତୀତ ଜୀବନ କାମନା କରୁ।**